



# ୧୯

# ସାମାଜିକୀକରଣ : ଶିଖିବାର ଏକ ପ୍ରକ୍ରିୟା (SOCIALIZATION AS A PROCESS OF LEARNING)

**ପ୍ର**ତ୍ୟେକ ସମାଜର ନିଜର ଏକ ଆଚରଣ ବିଧି, ନୀତି, ନିୟମ ପ୍ରତିମାନ ଓ ମୂଲ୍ୟବୋଧ ରହିଛି । ଆପଣ ମାନେ ବର୍ତ୍ତମାନ ପର୍ଯ୍ୟନ୍ତ ବୁଝିସାରିଥିବେ ଯେ ପ୍ରତ୍ୟେକ ସଂସ୍କୃତି ଭିନ୍ନ ଭିନ୍ନ ସାମାଜିକ ପରିପ୍ରେକ୍ଷୀ ରେ ବାଂଛିତ ଓ ଅବାଂଛିତ ବ୍ୟବହାର ମଧ୍ୟରେ ସ୍ପଷ୍ଟ ପ୍ରଭେଦ କରିଥା'ନ୍ତି । ଆପଣ ଏକ ପୁଅ ଓ ଝିଅ ହିସାବରେ କିପରି ବ୍ୟବହାର କରିବେ ଅଥବା ଭାଇ ବା ଭଉଣୀ, ପୁତୁରା-ଝିଆରୀ, ଏକ ଆଥିତେୟ ବା ଅତିଥି ହିସାବରେ ଆପଣଙ୍କର ବ୍ୟବହାର କିପରି ହେବ, ସେ ସମସ୍ତ ଆପଣଙ୍କର ସଂସ୍କୃତି ଦ୍ୱାରା ସ୍ଥିରିକୃତ । ପ୍ରତ୍ୟେକ ସଂସ୍କୃତି ଏହି ସବୁ ପ୍ରସଙ୍ଗ କୁ ନିଜସ୍ୱ ଶୈଳୀରେ ପରିଚାଳନା କରିଥା'ନ୍ତି । ଉଦାହରଣ ସ୍ୱରୂପ ଆମେ ଆମର ଗୁରୁଜନ ମାନଙ୍କର ପାଦ ଛୁଇଁ ସମ୍ମାନ ପ୍ରଦର୍ଶନ କରୁ, ହାତ ଯୋଡ଼ି ବା ମୁଣ୍ଡ ନୁଆଁଇ ସେମାନଙ୍କୁ ସ୍ୱାଗତ କରିଥାଉ । ତେବେ ବଙ୍ଗଳା ରେ ଆଶୀର୍ବାଦ ଗ୍ରହଣ କଲା ବେଳେ ଝିଅମାନେ ପିତା-ମାତା ଙ୍କର ପାଦ ସ୍ପର୍ଶ କଲା ବେଳେ, ଉତ୍ତର ପ୍ରଦେଶରେ, ସମାନ ପରିସ୍ଥିତିରେ ଝିଅ ମାନେ ପିତା-ମାତାଙ୍କର ପାଦସ୍ପର୍ଶ କରି ନ ଥା'ନ୍ତି । କାରଣ ସେଠାରେ ଝିଅମାନଙ୍କୁ ଦେବୀ ଲକ୍ଷ୍ମୀ ହିସାବରେ ଗ୍ରହଣ କରାଯାଏ । ପୁନଶ୍ଚ ସେମାନଙ୍କୁ ଅନ୍ୟ ଏକ ପରିବାର କୁ କନ୍ୟାଦାନ ହିସାବରେ ପ୍ରଦାନ କରାଯାଉଥିବାରୁ ଏହା ହୋଇନଥାଏ । ଏହିପରି ଅନେକ ନୀତି ନିୟମ ରହିଛି, ଯାହା ଭିନ୍ନ-ଭିନ୍ନ ସମାଜରେ ଭିନ୍ନ ପ୍ରକାରର ହୋଇଥା'ନ୍ତି । ଅତଏବ, ଏଥିରୁ ସ୍ପଷ୍ଟ ହେଉଛି ଯେ ଜଣେ ବ୍ୟକ୍ତି ଏହି ସବୁ ସାମାଜିକ ପ୍ରତିମାନ ଓ ସାଂସ୍କୃତିକ ଚଳଣି ବିଷୟ ରେ ସଚେତନ ଥିବା ଦରକାର, କାରଣ ଏହି ସବୁ ସାଂସ୍କୃତିକ ରୀତି-ନୀତି ଆଧାରରେ ତା'ର ସମସ୍ତ ସାମାଜିକ କାର୍ଯ୍ୟ କଳାପ ନିୟନ୍ତ୍ରିତ ହୋଇଥାଏ । ଏହି ଅଧ୍ୟାୟରେ ଆମେ ସାମାଜିକୀକରଣ ପ୍ରକ୍ରିୟା ବିଷୟରେ ପଢ଼ିବା ।

**ଉଦ୍ଦେଶ୍ୟ**

ଏହି ଅଧ୍ୟାୟ ପଢ଼ିବା ପରେ ଆପଣ,

- ➪ ସାମାଜିକୀକରଣ ର ଅର୍ଥ ଓ ଧାରଣା କୁ ବ୍ୟାଖ୍ୟା କରିପାରିବେ;
- ➪ ସଂସ୍କୃତି କରଣ ଓ ଆତ୍ମୀକରଣ ମଧ୍ୟରେ ଥିବା ଆନ୍ତଃ-ସଂପର୍କ କୁ ବର୍ଣ୍ଣନା କରି ପାରିବେ ।



ଟୀପ୍ପଣୀ

- ସାମାଜିକୀକରଣ ର ବିଭିନ୍ନ ବାହକ ମାନଙ୍କୁ ଦର୍ଶାଇ ପାରିବେ;
- ସାମାଜିକୀକରଣ ର ଉପାଦାନ ମାନଙ୍କୁ ବର୍ଣ୍ଣନା କରିପାରିବେ;
- ବ୍ୟକ୍ତିତ୍ୱ ର ବିକାଶରେ ସାମାଜିକୀକରଣ ର ଭୂମିକା କୁ ବୁଝି ପାରିବେ; ଏବଂ
- ବିଭିନ୍ନ ଭାରତୀୟ ସମୁଦାୟ ମାନଙ୍କ ପ୍ରସଙ୍ଗରେ ସାମାଜିକୀକରଣ ପ୍ରକ୍ରିୟା କୁ ବ୍ୟାଖ୍ୟା କରି ପାରିବେ ।

## ୧୯.୧ ସାମାଜିକୀ କରଣର ଧାରଣା ଓ ଅର୍ଥ (Concept and Meaning of Socialization)

ଯେତେବେଳେ ଏକ ଶିଶୁ ଜନ୍ମ ନିଏ, ସେତେବେଳେ ସେ ଏକ ଶାରିରୀକ ରଚନା (ଗଠନ) ବା 'ଜୀବ' ହୋଇଥାଏ । ସାମାଜିକୀକରଣ ପ୍ରକ୍ରିୟା ମାଧ୍ୟମରେ ସେ ଏକ 'ପୁରୁଷ' ବା 'ସ୍ତ୍ରୀ' ବା ଅନ୍ୟ ଭାଷାରେ କହିଲେ ଏକ ବ୍ୟକ୍ତିରେ ପରିଣତ ହୋଇଥାଏ । ସମାଜ, ଏକ ବ୍ୟକ୍ତିକୁ ପରିବାର, ସମୁଦାୟ ଓ ଅମୂର୍ତ୍ତ ସାମାଜିକ ବିଧିବ୍ୟବସ୍ଥା (abstract social norms) ମାଧ୍ୟମରେ ଏକ ମନୁଷ୍ୟ ରେ ପରିଣତ କରେ । ଏକ ଶିଶୁ ନିଜ ଆଖ ପାଖ ରେ ଥିବା ଉଭୟ ଭୌତିକ ଓ ମାନବୀୟ ଶକ୍ତି ଦିଗରେ ପ୍ରତିକ୍ରିୟା କରିଥାଏ । ଏହାକୁ ସମାଜରେ ବଡ଼ ହେବା ର ଏକ ପ୍ରକ୍ରିୟା କୁହାଯାଇ ପାରେ ଯେଉଁ ଥିରେ କି ଏକ ଶିଶୁ ବୟସ ବଢିବା ସଙ୍ଗେ ସଙ୍ଗେ ଜ୍ଞାନ ଆହରଣ କରେ ଓ ନିଜର ସମାଜର ସାଂସ୍କୃତିକ ପ୍ରତିମାନ ପରମ୍ପରା, ମୂଲ୍ୟବୋଧ ଓ ଭିନ୍ନ ଭିନ୍ନ ସାଂସ୍କୃତିକ ଧାରା ମାଧ୍ୟମରେ ନିଜେ ପ୍ରଭାବିତ ହୋଇଥାଏ । ଏହି ପ୍ରକ୍ରିୟା ମାଧ୍ୟମରେ ଶିଶୁ ସାଂସ୍କୃତିକ ଧାରା କୁ ଗ୍ରହଣ କରିଥାଏ ଓ ନିଜର ବ୍ୟକ୍ତିଗତ ଓ ସାମାଜିକ ଜୀବନ ନିର୍ବାହ କରିବା ଶିଖିଥାଏ । ଏହି ପ୍ରକାରରେ ପିଲାମାନେ ସାମାଜିକ ବ୍ୟବସ୍ଥା ସହ ନିଜର ସମ-ଯୋଜନ (adjustment) କରିବାକୁ ଉଦ୍ୟମ କରିଥା'ନ୍ତି । ସାମାଜିକୀକରଣ ଏକ ବ୍ୟାପକ ଓ ଅନ୍ତ-ହୀନ ପ୍ରକ୍ରିୟା, ଯାହା ବ୍ୟକ୍ତି ର ସଂପୂର୍ଣ୍ଣ ଜୀବନ ମଧ୍ୟରେ ଅବ୍ୟାହତ ରହିଥାଏ ।

> ସାମାଜିକୀ କରଣ ହେଉଛି ଏକ ପ୍ରକ୍ରିୟା ଯେଉଁ ଥିରେ ଏକ ନବଜାତ କୁ ପରିବାର, ସମୁଦାୟ ଓ ସମାଜରେ ପର୍ଯ୍ୟାୟ କ୍ରମେ ଗ୍ରହଣ, କରାଯାଇ ସାମାଜିକ ଚଳଣୀ ପାଇଁ ପ୍ରସ୍ତୁତ କରାଯାଏ । ଏହି ପ୍ରକ୍ରିୟା ବିଭିନ୍ନ ସ୍ତର ରେ କାର୍ଯ୍ୟ କରିଥାଏ । ପ୍ରଥମ ଯାହା ଶିଶୁ ମଧ୍ୟରେ ଘଟିଥାଏ ଓ ତାହାକୁ ଆନ୍ତରିକୀକରଣ (internalization) କୁହାଯାଏ । ଏଥିରେ ସେ ନିଜ ଚାରିପାଖରେ ଥିବା ଭୌତିକ ବସ୍ତୁମାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କରିଥାଏ । ଦ୍ୱିତୀୟ ବା ବାହ୍ୟସ୍ତର, ଯେଉଁ ଥିରେ ଏହି ଶିକ୍ଷାଦାନ ବା ତାଲିମ ପ୍ରକ୍ରିୟାରେ ପିତା-ମାତା, ଅନ୍ୟ ପରିବାର ସଂପର୍କୀୟ ଓ ସାଙ୍ଗ-ସାଥୀ ଇତ୍ୟାଦି ସାମିଲ ହୋଇଥା'ନ୍ତି ।

### ୧୯.୧.୧ ସାମାଜିକୀ କରଣ ଓ ଆତ୍ମୀକରଣ ମଧ୍ୟରେ ସଂପର୍କ (Relationship between Assimilation and Socialization)

ନୈତିକ ମୂଲ୍ୟ ବୋଧ ଓ ସମାଜିକ ସ୍ତରରେ ସ୍ୱୀକୃତ ବ୍ୟବହାର କୁ ଶିଖିବା ଓ ଆତ୍ମସ୍ଥ କରିବାର ପ୍ରକ୍ରିୟାକୁ ସାମାଜିକୀକରଣ କୁହାଯାଏ । ନିଜ ସମୁହର ନୈତିକ ମୂଲ୍ୟବୋଧ ଅନୁସାରେ ସମାଜର ସଦସ୍ୟ ମାନଙ୍କ ଠାରୁ ଆଚରଣ ଆଶା କରାଯାଇଥାଏ । ନୂତନ ଆଗନ୍ତୁକ (New comers) ମାନଙ୍କର ଆତ୍ମୀକରଣ ର ପ୍ରକ୍ରିୟା ଏହି ଉଦ୍ଦେଶ୍ୟ ହାସଲ କରିଥାଏ । ଏହି ନୂତନ ଆଗନ୍ତୁକ ମାନେ ବାହ୍ୟ ଅନ୍ୟ ସମାଜରୁ ଆସିନଥା'ନ୍ତି । ସେମାନେ ଏକ ସମାଜର ନୂତନ ଜନ୍ମିତ ଶିଶୁ । ନବଜାତ ଶିଶୁର ଖାଦ୍ୟ ଓ ଯତ୍ନର (ଉଷ୍ମତା) ଆବଶ୍ୟକତା କୁ ତା'ର ମା' ମୁଖ୍ୟତଃ ପୂରଣ କରିଥାଏ । ଶିଶୁ ତାର ମା' ଉପରେ ସଂପୂର୍ଣ୍ଣ



ଟୀପ୍‌ପଣୀ

ନିର୍ଭର କରିଥାଏ ଓ ଆବେଗାତ୍ମକ ସ୍ତରରେ ତାର ମା' ସହିତ ନିଜର ପରିଚୟ କୁ ହଜେଇ ଦେଇଥାଏ । କେତେକ ଏହା ବିଶ୍ୱାସ କରନ୍ତି ଯେ ଏକ ଶିଶୁ ନିଜ ବିଷୟରେ ସଚେତନ ହେବା ପୂର୍ବରୁ ତା'ର ମା' ବିଷୟରେ ସଚେତନ ହୋଇ ସାରିଥାଏ । ମା' ଓ ଶିଶୁର ପ୍ରଥମେ ପ୍ରଥମେ 'ଏକ-ସମାନ' ପରିଚୟ ଥାଏ । ଶିଶୁ ର ଖାଦ୍ୟ ଓ ଅନ୍ୟ ଶାରିରୀକ ଆବଶ୍ୟକତା ର ପରିପୂର୍ତ୍ତି ପାଇଁ ମା' ଶିଶୁ ର ଆତ୍ମସ୍ଥ ହୋଇଥାଏ । ଧୀରେ ଧୀରେ ଶିଶୁ ମା'ର ପରିଚୟ ଠାରୁ ନିଜର ପରିଚୟ କୁ ପୃଥକ୍ କରିଥାଏ । ଏହା ପରେ ମା' ଓ ନିଜର (ଶିଶୁ) ପରିଚୟ କୁ ସମାଜ ସହିତ ସଂଯୁକ୍ତ କରିବାର ସମସ୍ୟା କୁ ସାମ୍ନା କରିବାକୁ ପଡ଼େ । ଏହିପରି 'ଭୂମିକା-ବ୍ୟବସ୍ଥା' ର ସୃଷ୍ଟି ହୁଏ । ଏଥିରେ ଶିଶୁ, ତା'ର ମା' ଠାରୁ ନିଜକୁ ପୃଥକ୍ କରିବାର ଶିକ୍ଷା ଲାଭ କରିଥାଏ । ପରବର୍ତ୍ତୀ ସମୟରେ ଏହା ବିଶ୍ୱାସ କରାଗଲା ଯେ ଶିଶୁ ଏହି ଆତ୍ମୀକରଣ ର ପ୍ରକ୍ରିୟା କୁ ନିଜର ବାପା ଙ୍କ ସହିତ ମଧ୍ୟ କାର୍ଯ୍ୟାନ୍ୱୟନ କରିଥାଏ । ଏହିପରି, ଶିଶୁ ନିଜର ବାପାଙ୍କୁ ମା' ଠାରୁ ଭିନ୍ନ ଏକ ବ୍ୟକ୍ତି ହିସାବରେ ପୃଥକ୍ କରିଥାଏ ଓ ନିଜର ବାପାଙ୍କ ସହିତ ଅନ୍ୟ ଏକ ସଂପର୍କ ଗୁଛର ସୃଷ୍ଟି କରେ । ଏହି ଭଳି ସାମାଜିକୀକରଣ ଓ ଆତ୍ମୀକରଣ ର ସଂପର୍କ ସ୍ଥାପିତ ହୋଇଥାଏ ।

### ୧୯.୧.୨ ସଂସ୍କୃତିକରଣ ଓ ସାମାଜିକୀକରଣ (Enculturation and Socialization)

ସଂସ୍କୃତିକରଣ କହିଲେ ଏକ ପିଢୀ ଠାରୁ ଅନ୍ୟ ପିଢୀ ଦ୍ୱାରା ସାଂସ୍କୃତିକ ଧାରା ର ଶିକ୍ଷା ଗ୍ରହଣ କୁ ବୁଝାଯାଏ । ଏକା ବେଳେକେ ନୂଆ ନୂଆ ଧାରା ସବୁ ନିରନ୍ତର ଭାବରେ ସଂଯୁକ୍ତ ହୁଅନ୍ତି । ଏଣୁ ସଂସ୍କୃତିକରଣ ସମାଜରେ ପରିବର୍ତ୍ତନ ସହିତ ସାଂସ୍କୃତିକ ନିରନ୍ତରତା ର ପ୍ରକ୍ରିୟା କୁ ମଧ୍ୟ ସୁନିଶ୍ଚିତ କରିଥା'ନ୍ତି । ସଂସ୍କୃତିକରଣ ସଚୈତନିକ ବା ଅଚୈତନିକ ବା ଉଭୟ ଭାବରେ ଘଟି ପାରେ । ଏହି ପରିସ୍ଥିତିରେ ବୟସ୍କ ପିଢୀ, ଆଗାମୀ ପିଢୀ ମାନଙ୍କୁ ନିଜର ଚିନ୍ତାଧାରା ଓ ଆଚାର ବ୍ୟବହାର କୁ ଗ୍ରହଣ କରିବାକୁ ସ୍ୱାଗତ, ପ୍ରୋତ୍ସାହିତ ବା ବାଧ୍ୟ କରିଥା'ନ୍ତି । ଏଣୁ ସଂସ୍କୃତିକରଣ, ବରିଷ୍ଠ ପିଢୀ କୁ ସେହି ଅଧିକାର ଓ ପ୍ରଭୁତ୍ୱ ଦେଇଥାଏ, ଯାହା ଅନ୍ୟ କୌଣସି ସମୂହର ସାଂସ୍କୃତିକ ରୀତିନୀତି କୁ ଗ୍ରହଣ କରିବାର ରୁ ବାରଣ କରିଥାଏ । ଏହି ପ୍ରକାରରେ ନବାଗତ ମାନଙ୍କର ସଂସ୍କୃତିକରଣ ହୋଇଥାଏ, ଯେଉଁଥିରେ ବରିଷ୍ଠ ପିଢୀର ସଦସ୍ୟ ମାନେ ପ୍ରଚଳିତ ମୂଲ୍ୟବୋଧ କୁ ନବାଗତଙ୍କ ମଧ୍ୟରେ ପ୍ରସାରିତ କରି, ସେମାନଙ୍କୁ ଦୃଢ଼ କରି କରିଥା'ନ୍ତି ।

## ପାଠ୍ୟଗତ ପ୍ରାଶ୍ନାବଳୀ ୧୯.୧

ପ୍ରତିପ୍ରଶ୍ନ ନିମ୍ନରେ ଦିଆଯାଇଥିବା ସଠିକ୍ ଉତ୍ତର ରେ ଠିକ୍ ଚିହ୍ନ ଦିଅ ।

୧. ସାମାଜିକୀକରଣ ଏକ ________ ପ୍ରକ୍ରିୟା ଅଟେ ।

(୧) କ୍ଷଣସ୍ଥାୟୀ (୨) କ୍ଷୁଦ୍ର - ସମୟାବଧି,

(୩) ନିରନ୍ତରତା - ବିହୀନ (୪) ଜୀବନ - ବ୍ୟାପୀ

୨. ସାମାଜିକୀକରଣ କୁ ସମାଜରେ ଏକ ________ ପ୍ରକ୍ରିୟା କୁହାଯାଏ ।

(୧) ସମ-ଯୋଜନ (୨) ଆତ୍ମୀକରଣ

(୩) ଶିକ୍ଷା ଗ୍ରହଣ (୪) ବୃଦ୍ଧି ହେବା

୩. ସାମାଜିକୀ କରଣ ________ ରକ୍ଷା କରିବାରେ ସାହଯ୍ୟ କରେ ।

(୧) ଆବେଗାତ୍ମକ ସ୍ଥିରତା (୨) ସାଧାରଣ ପରିଚୟ

(୩) ଆତ୍ମ-ପରିଚୟ (୪) ସାମାଜିକ ବିଧିବ୍ୟବସ୍ଥା

## ୧୯.୨ ସାମାଜିକୀକରଣର ବାହକ (Agents of Socialization)

ସାମାଜିକିକରଣ ର ବାହକ ମାନେ ଶିଖିବା ର ପ୍ରକ୍ରିୟାରେ ସାହାଯ୍ୟ କରନ୍ତି । ଏହି ଶିକ୍ଷା ଗ୍ରହଣ ହେଉଛି ପ୍ରଭୁତ୍ୱ ବାଦୀ ଓ ସମତା ମୂଳକ ଶକ୍ତିମାନଙ୍କର ଫଳାଫଳ । ପ୍ରଭୁତ୍ୱ ବାଦୀ ଶକ୍ତିମାନଙ୍କର ପିଲା ଉପରେ କର୍ତ୍ତୃତ୍ୱ ଥାଏ । ଏହି ଶକ୍ତିମାନେ ହେଲେ, ପିତାମାତା, ପରିବାର, ସାଂସ୍କୃତିକ କାରକ ଓ ବିଧିବ୍ୟବସ୍ଥା ଇତ୍ୟାଦି । ସମତାମୂଳକ ଶକ୍ତିମାନଙ୍କ ମଧ୍ୟରେ ସାଙ୍ଗ ସାଥୀ, ଖେଳ ସାଥୀ, ବନ୍ଧୁ ଓ ସହଯୋଗୀ ସାମିଲ ଥା'ନ୍ତି । ଏହି ସମାଜିକୀ କରଣର କାରକ ମାନେ ଅନୁକୂଳନ ଓ ବିଚ୍ୟୁତି ତଥା ପୁରସ୍କାର ଓ ଦଣ୍ଡ ପ୍ରଭୃତିର ସ୍ୱୀକୃତି ପ୍ରାପ୍ତ ଧାରା ଭାବରେ କାର୍ଯ୍ୟ କରନ୍ତି ।

ସାମାଜିକୀକରଣ ର ମୁଖ୍ୟ ଉଦ୍ଦେଶ୍ୟ ହେଲା ବାଳକ / ବାଳିକା ମାନଙ୍କୁ ପ୍ରତିଷ୍ଠିତ ପ୍ରତିମାନ ଓ ବ୍ୟବହାର ଧାରା କୁ ବୁଝିବାକୁ ବାଧ କରିବା । ପ୍ରଚଳିତ ସ୍ଥିତି ଅବସ୍ଥା ଅନୁଯାୟୀ ବାଳକ-ବାଳିକା ମାନଙ୍କୁ ଲାଳନ ପାଳନ କରାଯାଏ । ସମାଜର ସ୍ୱୀକୃତ ରୀତିନୀତି, ପ୍ରତିମାନ ଓ ମୂଲ୍ୟବୋଧ ଅନୁଯାୟୀ ଜଣେ ବ୍ୟବହାର ଓ ଆଚରଣ ବିଧି ଶିକ୍ଷା କରିଥାଏ । ଏହା ଶିଶୁ ର ସାଂସ୍କୃତିକୀକରଣ ଦିଗରେ ପ୍ରଥମ ସୋପାନ ଯେଉଁଠାରେ ସେ ପ୍ରଚଳିତ ପର୍ଯ୍ୟାବରଣ ମଧ୍ୟରେ ନିଜର ପରିଚୟକୁ ଖୋଜି ପାଇଥାଏ । ସାମାଜିକୀକରଣର ବାହକ ମାନେ ସାମାଜିକ ବିଚ୍ୟୁତି ତଥା ପିଲାର ବିଚ୍ୟୁତି ମୂଳକ କାର୍ଯ୍ୟର ନିନ୍ଦା କରିଥା'ନ୍ତି । କିନ୍ତୁ ପରବର୍ତ୍ତୀ କାର୍ଯ୍ୟ କୁ ନିୟନ୍ତ୍ରଣ କରିନଥା'ନ୍ତି । ପିଲାମାନଙ୍କର ବିଚ୍ୟୁତି ମୂଳକ କାର୍ଯ୍ୟକଳାପ କୁ ଅସ୍ୱୀକାର କରି ହେବ ନାହିଁ ।



ଚିତ୍ର-୧ : ଏକ ଶିଖ ବାଳକ ନିଜ ପିତାଙ୍କଠାରୁ ପଗଡ଼ି ପିନ୍ଧିବା ଶିଖୁଛି

### ୧୯.୨.୧ ପରିବାର (Family)

ଏକ ଶିଶୁ ଜନ୍ମରୁ ନିର୍ଭରଶୀଳ ଓ ଅସହାୟ ହୋଇଥାଏ । ତା'ର ବିଭିନ୍ନ ପ୍ରକାର ର ଜୈବିକ ଓ ମନସ୍ତାତ୍ତ୍ୱିକ ଲକ୍ଷଣ ମାନ ଥାଏ । ତାର ଶାରିରୀକ ଓ ମାନସିକ ଆବଶ୍ୟକତା ପାଇଁ ସେ ନିଜର ପିତାମାତା ଙ୍କ ଉପରେ ନିର୍ଭର କରିଥାଏ । ଆମେ ପୂର୍ବ ରୁ ଆଲୋଚନା କରିଛୁ ଯେ ପ୍ରଥମେ ଶିଶୁ ତା'ର ମା ସହିତ ଆବେଗାତ୍ମକ ବନ୍ଧନ ରେ ବାନ୍ଧି ହୁଏ ଓ ପରେ ତା'ର ବାପାଙ୍କ ସହିତ । ସେ ତାର ବାପା ଓ ମା ସହିତ ନିଜର ସଂପର୍କ କୁ ଚିହ୍ନେ ଓ ଧୀରେ ଧୀରେ ଜେଜେ ଓ ଅଜା ତଥା ଜେଜେମା' ଓ ଆଇ ସହିତ ସଂପର୍କ କୁ ଚିହ୍ନି, ଏହି ସଂପର୍କ ମାନଙ୍କ ମଧ୍ୟରେ ପ୍ରଭେଦ କରେ ।

ପିତାମାତାଙ୍କ ପରେ ପିଲା ତା'ର ଭାଇ-ଭଉଣୀ ସହିତ ସଂପର୍କ ରେ ଆସିଥାଏ । ଯେଉଁ ମାନେ କି ସମୟେ ସମୟେ ତାକୁ ସ୍ନେହ ଶ୍ରଦ୍ଧା କରି ତାର ଯତ୍ନ ନେଇ ଥା'ନ୍ତି । ଏହି ପ୍ରକାରେ, ପିଲାଟି ତାର ଭାଇ



ଟୀପ୍‌ପଣୀ

ଭଉଣୀ ମାନଙ୍କୁ ଏକ ନୂତନ ଓ ବିସ୍ତୃତ ସାମାଜିକ ବ୍ୟବସ୍ଥା ମଧ୍ୟରେ ସାମିଲ କରେ ।

ଏଣୁ, ଏହି କାର୍ଯ୍ୟକଳାପ ମାନଙ୍କ ଦ୍ୱାରା ପିଲା ମାନେ ସେମାନଙ୍କର ବହୁ ସଂଖ୍ୟକ ପରିବାର ସଦସ୍ୟ ଙ୍କୁ ଚିହ୍ନନ୍ତି । ସେମାନଙ୍କର ବ୍ୟବହାର କୁ ଅନୁକରଣ କରନ୍ତି ଓ ଏହି ଅନୁକରଣ ସବୁକୁ ସେମାନେ ନିଜର ଭିନ୍ନ ଭିନ୍ନ କ୍ରିୟା-ପ୍ରତିକ୍ରିୟା ମାଧ୍ୟମରେ ଯଥା- ରାଗିବା, ଚିଲ୍ଲେଇବା, ହସିବା, ହାତ ଗୋଡ଼ ସଂଚାଳନ କରିବା, ଇତ୍ୟାଦି ମାଧ୍ୟମରେ ଦେଖାଇଥା'ନ୍ତି । ଏହି ସ୍ୱତନ୍ତ୍ର ଭାବ-ଭଙ୍ଗୀ ଦ୍ୱାରା ପିଲାମାନେ ନିଜର ପରିବାର ସହିତ ସଂଯୁକ୍ତ ହୁଅନ୍ତି । ପିଲା ନିଜ ପରିବାର ସଦସ୍ୟ ମାନଙ୍କୁ ଚିହ୍ନିଥାଏ । ଏହିଭଳି, ପିଲାମାନେ ନିଜର ପିତାମାତାଙ୍କର ଓ ଅନ୍ୟ ପରିବାର ସଦସ୍ୟ ମାନଙ୍କର ଉପସ୍ଥିତି ରେ ଶିଖିବା ସହିତ ନିଜର ଜୀବନ ଆରମ୍ଭ କରନ୍ତି । ଯଦି ସେ ବିସ୍ତୃତ ପରିବାରରେ ଥା'ନ୍ତି, ତାହା ହେଲେ ଧୀରେ ଧୀରେ ଏହି ସଂପର୍କ ର ପ୍ରକ୍ରିୟା ବିସ୍ତାରିତ ହୁଏ । ଅତଏବ ପିଲା ସାମାଜିକ ଆନ୍ତଃ-ସଂପର୍କର ସୂକ୍ଷ୍ମ ଜ୍ଞାନ, ରୀତି, ଚଳଣୀ, ଆଚରଣ ଇତ୍ୟାଦି କୁ ହୃଦୟଙ୍ଗମ କରି ପରିବାର ର ପ୍ରତିମାନ ସବୁ କୁ ମାନିଥାଏ ।

### ୧୯.୨.୨ ପଡ଼ୋଶୀ (Neighbourhood)

ଏକ ପିଲା ବଢୁଥିବା ଗାଁ ଓ ତାହାର ଆଖପାଖ ଅଞ୍ଚଳ ତାର ପଡ଼ୋଶୀ ଭାବରେ ପରିଚିତ ହୋଇଥା'ନ୍ତି । ପଡ଼ୋଶୀ ମାନଙ୍କର ଭୌତିକ ଓ ସାମାଜିକ ପରିବେଶ ମଧ୍ୟରେ ତାର ସମାଜିକୀକରଣ ହୋଇଥାଏ । ପିଲାଟି ତାର ବଡ ଭାଇ, ଭଉଣୀ, ଆଖ ପାଖର ପିଲାଙ୍କ ସହ ଖେଳିବୁଲି ତାର ନିକଟତମ ଭୌତିକ ଓ ସାମାଜିକ ପରିବେଶ ସଂପର୍କରେ ଜ୍ଞାନ ଅର୍ଜନ କରିଥାଏ । ସେ ଭୌତିକ ପ୍ରକୃତି ଜାଣିବାକୁ ପାଇଥାଏ । ସେ ବିଭିନ୍ନ ପରିସ୍ଥିତି ସହିତ ସମଯୋଜନ କରିଥାଏ ଓ ବିଭିନ୍ନ ଜାତିର ଲୋକ, ସମୁଦାୟ, ଧାର୍ମିକ ସମୁହ ଓ ଅନ୍ୟାନ୍ୟ ବୃତ୍ତି ଭିତ୍ତିକ ସମୁହ ସହିତ ମଧ୍ୟ ମିଶି ଚଳିଥାଏ । ଏହା ମାଧ୍ୟମରେ ସେ ବିଭିନ୍ନ ବ୍ୟକ୍ତି ଓ ସମୁହ ମାନଙ୍କର ବୈଶିଷ୍ଟ୍ୟ ସହିତ ପରିଚିତ ହୋଇଥାଏ ଯାହା ସମସ୍ତ ଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ । ତାର ଭୌତିକ ଓ ସାମାଜିକ ପର୍ଯ୍ୟାବରଣ ସହିତ ଆନ୍ତଃ-କ୍ରିୟାରୁ ସେ ଜୀବିକା ଅର୍ଜନ ର ଭିନ୍ନ ଭିନ୍ନ ପନ୍ଥା ଖୋଜି ଥାଏ ଓ ସେହି ସବୁ ଜୀବିକା ର ସୁଯୋଗ ଦେବାରେ ଭୌତିକ ପର୍ଯ୍ୟାବରଣ ର ଭୂମିକା କୁ ମଧ୍ୟ ବୁଝିପାରିଥାଏ । ସେ ନିଜ ଅଞ୍ଚଳ / ଗ୍ରାମ ରେ ହେଉଥିବା ପରସ୍ପର ନିର୍ଭରଶୀଳତାର ପ୍ରକ୍ରିୟା କୁ ମଧ୍ୟ ବୁଝିବାରେ ସମର୍ଥ ହୋଇଥାଏ । ସେ ମଧ୍ୟ ବିଭିନ୍ନ ସାମାଜିକ ପରିସ୍ଥିତିରେ, ବିଭିନ୍ନ ସମୁହର ଆଶା ଅନୁଯାୟୀ କାର୍ଯ୍ୟ କରିବାକୁ ଶିକ୍ଷା କରିଥାଏ । ଅନ୍ୟ ମାନଙ୍କର ଆଚରଣ ଓ ବ୍ୟବହାର ସଂପର୍କୀତ ଅନ୍ତର୍ଦୃଷ୍ଟି ମଧ୍ୟ ହାସଲ କରିଥାଏ । ଏହି ପ୍ରକ୍ରିୟା ମାଧ୍ୟମରେ ସେ ନିଜ ବ୍ୟକ୍ତିତ୍ୱ କୁ ମଧ୍ୟ ଆକଳନ କରିଥାଏ । ଏଠାରେ, ସାମାଜିକୀକରଣ ପ୍ରକ୍ରିୟା ଏକ ପିଲା ମଧ୍ୟରେ ଶୃଙ୍ଖଳା, ବ୍ୟବସ୍ଥିତ ଆଚରଣ ଓ ଦକ୍ଷତା ସବୁକୁ ଉଦ୍ରେକ କରାଇଥାଏ ।

### ୧୯.୨.୩ ସ୍କୁଲ / ଅନୁଷ୍ଠାନ (School / Institution)

ସ୍କୁଲ ଓ ଶିକ୍ଷାନୁଷ୍ଠାନ ମାନେ ସାମାଜିକୀକରଣର ମହତ୍ତ୍ୱପୂର୍ଣ୍ଣ ବାହକ ଅଟନ୍ତି । ସେମାନେ ଶିକ୍ଷା ଗ୍ରହଣର ପରିସ୍ଥିତି ଓ ପରିବେଶ ସୃଷ୍ଟି କରି, ତା'ମଧ୍ୟରେ (ପିଲା ମଧ୍ୟରେ) ଶୃଙ୍ଖଳା ଜ୍ଞାନ ବୃଦ୍ଧି କରାଇ ଓ ଅନ୍ୟାନ୍ୟ ଗୁଣାବଳୀର ବିକାଶ କରାଇ, ତା'ର ବ୍ୟକ୍ତିତ୍ୱ ବିକାଶରେ ସହାୟତା କରନ୍ତି । ଏହିପରି, ସେ ନିଜର ଓ ନିଜ ସମୁହର ଆବଶ୍ୟକତା ସବୁକୁ ଚିହ୍ନିବାକୁ ଉଦ୍ୟମ କରିଥାଏ । ଏଣୁ ସେ, ସ୍କୁଲ ଓ ଅନ୍ୟ ଅନୁଷ୍ଠାନମାନଙ୍କ



ଟୀପ୍ପଣୀ



ଦ୍ୱାରା ପ୍ରଣୀତ ପ୍ରତିମାନ ଓ ନିୟମାବଳୀକୁ ମାନିବା ପାଇଁ ଶିକ୍ଷା ଗ୍ରହଣ କରିଥାଏ ।

ମାନବୀୟ ବ୍ୟବହାରକୁ ମାର୍ଜିତ କରିବାରେ ଶିକ୍ଷାର ଭୂମିକା ବହୁ ଅଧିକ । ପରିବାର, ପରେ ପରେ ଶ୍ରେଣୀକକ୍ଷ, ସାଙ୍ଗ ସାଥୀ ସମୂହ ଓ ଶିକ୍ଷକ, ଏମାନେ ସମସ୍ତେ ପିଲାଙ୍କ ଉପରେ ପ୍ରଭାବ ରଖିଥା'ନ୍ତି । ଶିକ୍ଷା ବ୍ୟକ୍ତିକୁ ନୈତିକ, ବୌଦ୍ଧିକ ଓ ସାମାଜିକ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥାଏ । ଏହା ବ୍ୟକ୍ତିକୁ ତାର ଐତିହ୍ୟ ସହ ସଂଯୁକ୍ତ କରି ତା ସମ୍ମୁଖରେ ଏକ ବ୍ୟାପକ ସାମାଜିକ ଦୃଶ୍ୟପଟ୍ଟ ସୃଷ୍ଟି କରିଥାଏ ।

ଏହି ଅନୁଷ୍ଠାନ ମାନଙ୍କର ମୌଳିକ ପ୍ରତିମାନ ସବୁ ଆଚରଣ / ବ୍ୟବହାରର ମାନକ ସୃଷ୍ଟି କରିଥା'ନ୍ତି । ଯାହାକି ଆମର ଦୈନନ୍ଦିନ ଜୀବନକୁ ନିୟନ୍ତ୍ରିତ କରିଥାଏ । ସେମାନେ ଆମର ସାମାଜିକ କ୍ରିୟା କଳାପ ଉପରେ ନଜର ରଖିଥା'ନ୍ତି । ଏହିସବୁ ପ୍ରତିମାନର ଉଲ୍ଲଘଂନ ସାମାଜିକ ବ୍ୟଙ୍ଗ-ବିଦ୍ରୁପ, ବାସନ୍ଦ ଓ କଠୋର ଦଣ୍ଡ ବିଧାନକୁ ସୃଷ୍ଟି କରିଥାନ୍ତି ।

### ୧୯.୨.୪ ସମାଜ (Society)

ଆମେ ସମାଜରେ ବାସ କରୁ । ଆମର ସମସ୍ତ କାର୍ଯ୍ୟ କଳାପ ଓ ବ୍ୟବହାର ବିଭିନ୍ନ ନୀତି-ନିୟମ ମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଜଣେ କେହି ମଧ୍ୟ ସମାଜ ଠାରୁ ସଂପୂର୍ଣ୍ଣ ଦୂରେଇ ରହି, ସାମାଜିକ କାର୍ଯ୍ୟ କଳାପରୁ ବିରତ ରହି ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରି ପାରିବ ନାହିଁ । ଆମର କାର୍ଯ୍ୟକଳାପ ଓ ବ୍ୟବହାର, ଆମ ସମାଜର ପ୍ରଥା, ପରଂପରା, ପ୍ରତିମାନ ଓ ମୂଲ୍ୟବୋଧ ଅନୁରୂପ ହେବା ଦରକାର । ସମାଜରେ ରହିଥିବା ବ୍ୟକ୍ତିମାନେ ଯଦି ସମାଜର ପ୍ରତିମାନ, ମୂଲ୍ୟବୋଧ ଓ ନୀତି ନିୟମକୁ ସମ୍ମାନ କରି କାର୍ଯ୍ୟ କରନ୍ତି ତାହା ହେଲେ ସେମାନେ ପୁରସ୍କୃତ ହୋଇଥା'ନ୍ତି । ଅନ୍ୟ ପକ୍ଷରେ ଯଦି ସେମାନେ ଏହାର ବିପରୀତ କାର୍ଯ୍ୟ କରନ୍ତି, ତାହା ହେଲେ ସେମାନେ ଦଣ୍ଡିତ ହୋଇଥା'ନ୍ତି ।

### ୧୯.୨.୫ ପୁରସ୍କାର ଓ ଦଣ୍ଡ (Reward and Punishment)

ପିଲାମାନଙ୍କ ମନରେ ସୁସ୍ଥ ପ୍ରତିସ୍ପର୍ଦ୍ଧୀ ଭାବନା ଜାଗ୍ରତ କରି ତାକୁ ଉତ୍ତମ ପ୍ରଦର୍ଶନ କରିବା ପାଇଁ ସୁଯୋଗ ଦେବା ଲାଗି ସାମାଜିକୀକରଣ ପ୍ରକ୍ରିୟା ମଧ୍ୟରେ ପୁରସ୍କାର ଓ ଦଣ୍ଡର ବ୍ୟବସ୍ଥା ରହିଛି ।

ପୁରସ୍କାର ଓ ଦଣ୍ଡ, ସାମାଜିକୀକରଣର ଦୁଇଟି ପ୍ରମୁଖ ବାହକ ଭାବରେ କାର୍ଯ୍ୟ କରନ୍ତି । ସେମାନଙ୍କର କାର୍ଯ୍ୟକାରିତାରେ ଏକ ମୌଳିକ ପ୍ରଭେଦ ରହିଛି ଓ ସେମାନେ ବିଭିନ୍ନ ଉଦ୍ଦେଶ୍ୟ ପୂରଣ ରେ ସାହାଯ୍ୟ କରିଥାନ୍ତି । ମନୁଷ୍ୟ ଏକ ସଂସ୍କୃତି ସଂପନ୍ନ ଜୀବ ଓ ଅଧିକାଂଶ କ୍ଷେତ୍ରରେ ସେ ପ୍ରତୀକ ମାଧ୍ୟମରେ ଭାବ-ବିନିମୟ କରିଥାଏ । ଯଦି ସମ୍ଭବ ହୁଏ ତାହା ହେଲେ ପ୍ରତୀକାତ୍ମକ ଭାବ ବିନିମୟର ବିଫଳତା କ୍ଷେତ୍ରରେ, ସେ ଅନ୍ୟ ପ୍ରକାରର ଦଣ୍ଡାତ୍ମକ ଅଥବା ସକାରାତ୍ମକ ଅନୁମତିର ସାହାଯ୍ୟ ନେଇଥାଏ । ତେଣୁ ବାଡ଼ିରେ ବାଡ଼େଇବା ପରିବର୍ତ୍ତେ ଯଦି ବାଡ଼ି ଉଞ୍ଚାଇବା ଦ୍ୱାରା ସମସ୍ୟା ସମାଧାନ ହେଲା, ତାହା ହେଲେ ସେ ଏକ ଉତ୍ତମ ବିକଳ୍ପ । ସେହିପରି ବେଳେ ବେଳେ ଏକ ସ୍ୱୀକୃତି ମୂଳକ ସ୍ମିତହାସ୍ୟ ପୁରସ୍କାର ଠାରୁ ଅଧିକ ଫଳ ଦେଇଥାଏ । ସାମାଜିକ ନିୟନ୍ତ୍ରଣର ପ୍ରମୁଖ ପ୍ରକାର ହିସାବରେ 'ଦଣ୍ଡ' ପ୍ରୟୋଗ କରାଯାଏ । ଏହା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରୁଥିବା ଗୋଷ୍ଠୀ, ବ୍ୟକ୍ତି ମାନଙ୍କ ବିରୁଦ୍ଧରେ ପ୍ରୟୋଗ କରାଯାଏ । ପୁରସ୍କାର ଓ ଦଣ୍ଡ ଉଭୟଙ୍କର ଭୂମିକା ରହିଛି । ତେବେ ଏହା ଭିନ୍ନ ଓ ବିଭିନ୍ନ ଉଦ୍ଦେଶ୍ୟ ସମାଧନରେ ବ୍ୟବହାର ହୁଏ ।



ଟୀପ୍ପଣୀ




## ପାଠ୍ୟଗତ ପ୍ରଶ୍ନାବଳୀ ୧୯.୨

ନିମ୍ନୋକ୍ତ ପ୍ରତି ବକ୍ତବ୍ୟ ପାଇଁ 'ଭୁଲ' କିମ୍ବା ଠିକ୍ ଲେଖ ।

୧. ପ୍ରତିଷ୍ଠିତ ପ୍ରତିମାନ ଓ ବ୍ୟବହାର କୁ ଶିକ୍ଷା କରିବା ପାଇଁ ପିଲାକୁ ପ୍ରସ୍ତୁତ କରିବା ହେଉଛି ସାମାଜିକୀକରଣର ମୁଖ୍ୟ ଉଦ୍ଦେଶ୍ୟ ।

୨. ସ୍କୁଲ ଓ ଶିକ୍ଷାନୁଷ୍ଠାନମାନେ ସାମାଜିକୀକରଣର ମହତ୍ତ୍ୱପୂର୍ଣ୍ଣ ବାହକ ନୁହଁନ୍ତି ।

୩. ଆମ ସମସ୍ତଙ୍କର ସମସ୍ତ ପ୍ରକାରର କାର୍ଯ୍ୟ କଳାପ ଓ ବ୍ୟବହାର ସମାଜର ବିଭିନ୍ନ ନୀତି ନିୟମ ଦ୍ୱାରା ନିୟନ୍ତ୍ରି ।

୪. ପୁରସ୍କାର ଓ ଦଣ୍ଡ, ସାମାଜିକୀ କରଣ ଓ ସାମାଜିକ ନିୟନ୍ତ୍ରଣର ଗୁରୁତ୍ୱ ପୂର୍ଣ୍ଣ ବାହକ ଭାବରେ କାର୍ଯ୍ୟ କରନ୍ତି ।

## ୧୯.୩ ସାମାଜିକୀ କରଣ ର ଉପାଦାନ (Elements of Socialization)

ଯୋଗାଯୋଗ ବା ଭାବ ବିନିମୟ ହେଉଛି ସାମାଜିକୀକରଣର ଏକ ମୌଳିକ ଉପାଦାନ । ଏହି ଯୋଗାଯୋଗ ବା ଭାବ ବିନିମୟ କୌଶଳ ଦ୍ୱାରା ଏକ ପିଲା ନିଜର ଭାବନା ଓ ଆବେଗ ଇତ୍ୟାଦିକୁ ଅନ୍ୟ ମାନଙ୍କୁ ସଂପ୍ରେଷିତ (Communicate) କରି ପାରିଥାଏ । ଏହି ଭାବ ବିନିମୟ ମାଧମରେ ହିଁ ଶିକ୍ଷା ଗ୍ରହଣ ପ୍ରକ୍ରିୟାର ଆରମ୍ଭ ହୋଇଥାଏ ।

ଟୀପ୍ପଣୀ

ଭୂମିକା ଚିହ୍ନଟ ଓ ଭୂମିକା ନିର୍ବାହ ହେଉଛନ୍ତି ସାମାଜିକୀକରଣର ଅନ୍ୟ ଦୁଇଟି ଉପାଦାନ । ସାମାଜିକୀକରଣ ଏକ ପିଲାକୁ ତାର ସାମାଜିକ ଭୂମିକା ସବୁକୁ ପ୍ରଭାବଶାଳୀ ଢଙ୍ଗରେ ନିର୍ବାହ କରିବାରେ ସାହାଯ୍ୟ କରିଥାଏ । ଏଣୁ ଏହା ସ୍ୱୀକୃତ ସାମାଜିକ ନୀତି ନିୟମ ଓ ପ୍ରତିମାନ ଅନୁଯାୟୀ ଏକ ପିଲାର ସାମାଜିକ ବ୍ୟବହାରକୁ ନିୟନ୍ତ୍ରିତ ତଥା ପ୍ରଭାବିତ କରିଥାଏ ।

ସଂସ୍କୃତି, ସାମାଜିକୀକରଣର ଅନ୍ୟ ଏକ ଉପାଦାନ ଯାହା ଏକ ପିଢୀରୁ ଅନ୍ୟ ପିଢୀକୁ ହସ୍ତାନ୍ତରିତ ହୋଇଥାଏ । ଏକ ସଂଗଠିତ ସମାଜ, ଦୃଢ଼ ସମାଜିକ ସଂଗଠନ ଦ୍ୱାରା ନିର୍ମିତ ହୋଇଥାଏ, ଯାହାକି ଏକ ପିଢୀରୁ ଅନ୍ୟ ପିଢୀ କୁ ଶିକ୍ଷା ଗ୍ରହଣର ପ୍ରକ୍ରିୟା ମାଧ୍ୟମରେ ସଂପ୍ରେଷିତ ହୁଏ । ଏକ ସମାଜର ମୂଲ୍ୟ ବୋଧ ଓ ଚିନ୍ତା କରିବା ତଥା କାର୍ଯ୍ୟ କରିବାର ଶୈଳୀ (ଯାହାକୁ ଉଚିତ, ସଠିକ ମନେ କରାଯାଇଥାଏ) କୁ ପିଲା ମାନେ ଶିକ୍ଷା କରିଥାନ୍ତି । ସାମାଜିକୀକରଣରେ ଏହିସବୁ ଶିକ୍ଷାଦାନ ପ୍ରକ୍ରିୟାମାନେ ସଂଘଟିତ ହୁଅନ୍ତି ।

## ୧୯.୪ ବ୍ୟକ୍ତିତ୍ୱ ବିକାଶରେ ସାମାଜିକୀ କରଣର ଭୂମିକା (Role of Socialization in the Development of Personality)

ଏହା ସାଧାରଣ ଭାବରେ ବିଶ୍ୱାସ କରାଯାଏ, ଯେ ଏକ ପିଲା ତାର ବ୍ୟକ୍ତିତ୍ୱର ଅଧିକାଂଶ ଗୁଣ ସବୁକୁ 3 ରୁ 8 ବର୍ଷ ବୟସ ମଧ୍ୟରେ ଆହରଣ କରିଥାଏ । ଏହି ସମୟାବଧିରେ ଚରିତ୍ର ଓ ବ୍ୟକ୍ତିତ୍ୱର ଭିତ୍ତିସ୍ଥାପିତ ହେଉଥିବାରୁ, ଏହା ଜଣେ ବ୍ୟକ୍ତିର ଜୀବନର ଏକ ଅତି ଗୁରୁତ୍ୱପୂର୍ଣ୍ଣ ସମୟ ଅଟେ । ଏହା ଆଗରୁ ଆଲୋଚିତ ହୋଇଛି ଯେ ଏକ ପିଲା ବଢିବା ସମୟରେ ତା ପ୍ରତି ତାର ବାପା, ମା ଓ ଭାଇ-ଭଉଣୀଙ୍କର ସ୍ନେହ, ଶ୍ରଦ୍ଧା ଆବେଗ ଓ ଭାବନା ଇତ୍ୟାଦି ତଥା ସେମାନଙ୍କର ତା' ପ୍ରତି ବିଭିନ୍ନ ଭୂମିକା କୁ ହୃଦୟଙ୍ଗମ କରିଥାଏ । ଭୂମିକା ହେଉଛି ସାମାଜିକ ସ୍ୱୀକୃତ ତଥା ବାଂଛିତ ବ୍ୟବହାରର ଏକ ସମୂହ ଓ ପ୍ରତି ଭୂମିକା ପାଇଁ ଅନୁରୂପ ପ୍ରସ୍ଥିତି ତଥା ଅଧିକାର ଓ କର୍ତ୍ତବ୍ୟର ଏକ ଗୁଚ୍ଛ ରହିଥାଏ । "ଅଭିବ୍ୟକ୍ତି" ର ଭୂମିକା ସ୍ନେହ ଶ୍ରଦ୍ଧା କେନ୍ଦ୍ରିକ ହୋଇଥାଏ ଓ "କାର୍ଯ୍ୟ-ମାଧ୍ୟମ" (instrumental) ର ଭୂମିକା, ଶୃଙ୍ଖଳା ଓ ଜୀବିକା ତଥା ଖାଦ୍ୟ ସଂଗ୍ରହ କେନ୍ଦ୍ରିକ ହୋଇଥାଏ । ଏହି ଦୁଇ ଭୂମିକା ଏକ ପିଲାର ଭୂମିକା ନିର୍ବାହ ରେ ପ୍ରଦର୍ଶିତ ହୋଇଥାଏ । ଖେଳ ମାଧ୍ୟମରେ (ପିଲା ଖେଳ) ବାଳକ ଟି ପରିବାରର ମୁଖ୍ୟ ଙ୍କର ଭୂମିକା ଓ ଚାକିରୀ ଥିବା ବ୍ୟକ୍ତିର ଭୂମିକା ରେ, ସେ ଏକ 'ପିତା' ଙ୍କର ପ୍ରକୃତ କାର୍ଯ୍ୟକଳାପର ଏକ ପ୍ରତୀକୀତ ରୂପ କୁ ପ୍ରଦର୍ଶନ କରିଥାଏ । ଏକ ଝିଅ ମଧ୍ୟ ନିଜର ମା'ଙ୍କର ଭୂମିକାକୁ ପ୍ରଦର୍ଶିତ କରିଥାଏ ।

ପିଲାଟି ଯେତେବେଳେ ତାର ଭାଇ ଭଉଣୀ ଙ୍କ ସାଙ୍ଗରେ ଖେଳେ ଓ ସ୍କୁଲ ଯିବା ଆରମ୍ଭ କରେ, ସେତେବେଳେ ସେ ବିଭିନ୍ନ ଭୂମିକାର ପ୍ରକୃତି ବିଷୟରେ ସଚେତନ ହୋଇଥାଏ ଏବଂ ତାର ଏହି ଭୂମିକା, ପ୍ରକୃତି, ଘରେ ତାର ଭାଗୀଦାରୀ, ତା'ର ସ୍କୁଲ ତଥା ସାଙ୍ଗସାଥୀ ଶିକ୍ଷକ, ସମୁଦାୟର ସଦସ୍ୟ ତଥା ଗ୍ରାମବାସୀଙ୍କ ଦ୍ୱାରା ନିରୂପିତ ହୋଇଥାଏ । ଏହି ସମୟରେ ସେ ପରିବାର, ଗ୍ରାମ ଓ ସମୁଦାୟ ରେ ପ୍ରଚଳିତ ରୀତି ନୀତି ଓ ଜୀବିକା ସାଧନର ମାର୍ଗ ସହିତ ପରିଚିତ ହୋଇଥାଏ । ତାର ବାପାଙ୍କର ବୃତ୍ତି ସହିତ ବାରମ୍ବାର ପରିଚୟ ହେଉଥିବାରୁ ସେ ସେହି ନିର୍ଦ୍ଦିଷ୍ଟ ବୃତ୍ତିର ବିଭିନ୍ନ ସ୍ତରକୁ ବୁଝି ସେଥିରେ ଥିବା କୌଶଳ, ମୌଳିକ ଆଦର୍ଶ ଓ ସିଦ୍ଧାନ୍ତ ସବୁକୁ ଆହରଣ କରିବାରେ ବାପାଙ୍କୁ କାର୍ଯ୍ୟରେ ସାହାଯ୍ୟ କରେ ଓ ଜଣେ ପ୍ରଭାବଶାଳୀ ଓ ଦକ୍ଷ କର୍ମଚାରୀରେ ପରିବର୍ତ୍ତିତ ହୁଏ । ଏହିପରି ଜଣେ ପିଲା ପରିବାର, ସମୁଦାୟ ଓ ସମାଜର ଜଣେ ଦାୟିତ୍ୱ ସଂପନ୍ନ ବ୍ୟକ୍ତି ଭାବରେ ପରିଗଣିତ ହୁଏ ଓ ତା' ଠାରୁ ଆଶା କରାଯାଉଥିବା ବିଭିନ୍ନ ଭୂମିକା କୁ ବିଭିନ୍ନ ସ୍ତରରେ ଓ ସ୍ଥିତିରେ ନିର୍ବାହ କରିଥାଏ ।



ଟୀପ୍ପଣୀ

ଶୈଶବ-ସାମାଜିକୀକରଣର ଏକ ମୁଖ୍ୟ ଭୂମିକା ରହିଛି । ଜଣେ ପିଲାର ସାମାଜିକୀକରଣ ହେଲା ପରେ ଯାଇ ସେ ତା' ଠାରୁ ଆଶା କରାଯାଉଥିବା ବିଭିନ୍ନ ଭୂମିକାକୁ ଚିହ୍ନଟ କରିପାରିବ ଓ ବାଂଛନୀୟ ଭୂମିକାକୁ ତୁଲାଇ ମଧ୍ୟ ପାରିବ ।

ଭୂମିକା ଗ୍ରହଣ ପ୍ରକ୍ରିୟାରେ ଜଣେ ବ୍ୟକ୍ତି, ତାର ବ୍ୟକ୍ତିଗତ ପରିଚୟ ଓ ବ୍ୟକ୍ତିତ୍ୱର ଧାରଣା ବିକଶିତ କରିଥାଏ । ଏହାଦ୍ୱାରା ସେ ଆତ୍ମନିରିକ୍ଷଣ ମଧ୍ୟ କରିବାକୁ ସମର୍ଥ ହୋଇଥାଏ । ଏହି ସବୁ କରି ସେ ନିଜର ପରିଚୟ, ସ୍ଥିତି ଓ ପ୍ରସ୍ଥିତି କୁ ପରିବାର, ସମୁଦାୟ ଓ ସମାଜର ସଦସ୍ୟ ଭାବରେ ସ୍ଥାପିତ କରିଥାଏ ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ହେଉଛି ଯେ ସାମାଜିକୀକରଣ ପିଲାମାନଙ୍କୁ ଶିକ୍ଷା ଗ୍ରହଣର ସୁଯୋଗ ପ୍ରଦାନ କରିଥାଏ, ଯାହା ସେମାନଙ୍କୁ ସେମାନଙ୍କର ସାଂସ୍କୃତିକ ଓ ସାମାଜିକ ଭୂମିକାକୁ ଚିହ୍ନଟ କରି ସେହି ଅନୁରୂପ କାର୍ଯ୍ୟ କରିବାକୁ ସମର୍ଥ କରିଥାଏ । ବଢୁଥିବା ପିଲା ଦ୍ୱାରା ଭୂମିକା ନିର୍ବାହ, ସମାନ ଓ ସମୁହ ଓ ସ୍ୱୀକୃତ ପ୍ରତିମାନ ଅନୁରୂପ ବ୍ୟବହାର ସବୁକୁ ପ୍ରତିଫଳିତ କରିଥାଏ ।

ଭୂମିକା ତତ୍ତ୍ୱ ର ମୌଳିକ ସିଦ୍ଧାନ୍ତ ହେଲା -

୧. ଭୂମିକା ହେଉଛି ସଂସ୍କୃତିର ଏକକ

୨. ସ୍ଥିତିର ପ୍ରସ୍ଥିତି; ସମାଜର ଏକକ; ଏବଂ

୩. ସ୍ୱୟଂ, ବ୍ୟକ୍ତିତ୍ୱର ଏକକ ।

ପାରସ୍ପାରିକ ପ୍ରତିକ୍ରିୟା (ଦୁଇ ବ୍ୟକ୍ତିଙ୍କ ମଧ୍ୟରେ) ଭୂମିକାକୁ ନେଇ ହୋଇଥାଏ ଓ ଭୂମିକା ଓ 'ସ୍ୱୟଂ' (self) ମଧ୍ୟରେ ଏକ ପ୍ରକାର ଆଦାନ ପ୍ରଦାନ ବା ଆନ୍ତଃ-କ୍ରିୟା ହୋଇଥାଏ । ସଂପ୍ରତି ପ୍ରଚଳିତ ଭୂମିକା ତତ୍ତ୍ୱ ଅନୁସାରେ ମାନବୀୟ କ୍ରିୟାକଳାପ ଏହି ଉପରୋକ୍ତ ଆନ୍ତଃ-କ୍ରିୟାରୁ ସୃଷ୍ଟି ହୋଇଥାଏ ।

ଏହା ସତ୍ୟ ଯେ ସାମାଜିକୀକରଣ ସମୁହର ନିୟମ ର ଅନୁପାଳନ ଉପରେ ଗୁରୁତ୍ୱ ଦିଏ, କିନ୍ତୁ, ନମନୀୟତା ଓ ଚୟନ ଆଧାରରେ । ତେବେ କେତେକ କ୍ଷେତ୍ରରେ ବ୍ୟକ୍ତିମାନଙ୍କର ସାମାଜିକୀକରଣ ବିଫଳ ହୁଏ ଓ ସେମାନେ ସମାଜିକ ପ୍ରତିମାନ ଠାରୁ ବିଚ୍ୟୁତ ହୋଇ ପଡ଼ନ୍ତି । ପ୍ରଥମେ ଆମକୁ ମନେ ରଖିବାକୁ ହେବ ଯେ ସାମାଜିକ ବ୍ୟବସ୍ଥା, ସମାଜର ପ୍ରତିମାନ ଓ ନୀତି ନିୟମ ର ସଠିକ ଅନୁପାଳନ ଯୋଗୁଁ ତିଷ୍ଠି ରହିଛି ଓ ଏହି ପ୍ରତିମାନ ସବୁ ବୟସ୍କ ପିଢୀ ଠାରୁ ଯୁବ ପିଢୀ କୁ ହସ୍ତାନ୍ତରିତ ହୋଇଥାଏ । ଏଠାରେ ଏକ ପିଲା ସମାଜର ମୂଲ୍ୟବୋଧ, କାର୍ଯ୍ୟ ଓ ଚିନ୍ତାକରିବାର ଉପଯୁକ୍ତ ଓ ବାଂଛନୀୟ ଶୈଳୀ କୁ ଶିକ୍ଷା କରିଥାଏ । ଏହିପରି, ସାମାଜିକୀକରଣ ବ୍ୟକ୍ତିତ୍ୱ ବିକାଶରେ ଏବଂ ଚରିତ୍ର ନିର୍ମାଣରେ ଏକ ମହତ୍ତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ସାମାଜିକ ବ୍ୟବସ୍ଥା, ସାମାଜିକୀକରଣ ଦ୍ୱାରା ପରିଚାଳିତ ହୋଇଥାଏ, ସାମାଜିକ ନିୟନ୍ତ୍ରଣ ଦ୍ୱାରା ନୁହେଁ । ସାମାଜିକୀକରଣ ଓ ସାମାଜିକ ନିୟନ୍ତ୍ରଣରେ ସଂପୃକ୍ତ ପ୍ରକ୍ରିୟା ମାନ ଏକ ସମାନ ହୋଇଥା'ନ୍ତି । ଯେପରିକି ପ୍ରଶଂସା ଓ ଦୋଷ ଦେବା, ପୁରସ୍କାର ଓ ଦଣ୍ଡ । ଯାହାସବୁ ସ୍ୱୀକୃତ ବା ପ୍ରତିବନ୍ଧିତ ବ୍ୟବହାର କ୍ଷେତ୍ରରେ ଲାଗୁ ହୋଇଥାଏ । କାର୍ଯ୍ୟକାରିତା କ୍ଷେତ୍ରରେ ଏହି ଦୁଇ ପ୍ରକ୍ରିୟା, ଦୁଇଟି ପରିସ୍ଥିତିରେ ଗୁରୁତ୍ୱ ଓ ବ୍ୟାପକତା ଦୃଷ୍ଟି ରୁ ଭିନ୍ନ ହୋଇଥା'ନ୍ତି ।

ଟୀପ୍ପଣୀ

## ସାମାଜିକୀ କରଣ ପ୍ରକ୍ରିୟା




## ପାଠ୍ୟଗତ ପ୍ରଶ୍ନାବଳୀ ୧୯.୩

ଉପଯୁକ୍ତ ଶବ୍ଦରେ ଶୂନ୍ୟସ୍ଥାନ ପୂରଣ କର ।

୧. ସାମାଜିକୀକରଣର ବାହକ ମାନେ ________ରେ ସାହାଯ୍ୟ କରନ୍ତି ।

(୧) ଅନୁକୂଳନ (୨) ବିଚ୍ୟୁତି

(୩) ଶିକ୍ଷା ଗ୍ରହଣ (୩) ଭାବ ବିନିମୟ

୨. ସାମାଜିକୀକରଣ ପ୍ରକ୍ରିୟା ________କୁ ନିୟନ୍ତ୍ରଣ କରିଥାଏ ।

(୧) ସମାଜ (୨) ମାନବୀୟ ବ୍ୟବହାର

(୩) ସାମାଜିକ ନିୟନ୍ତ୍ରଣ (୪) ସାଂସ୍କୃତିକ ଐତିହ୍ୟ

୩. ଦଣ୍ଡ ଓ ପୁରସ୍କାର କୁ ସାମାଜିକୀକରଣର ବାହକ ଭାବରେ ଗ୍ରହଣ କରାଯାଇ ପାରିବ କି ?

(୧) ହଁ (୨) ନାହିଁ



ଟୀପ୍‌ପଣୀ

୪. ସାମାଜିକୀକରଣର ତିନିଟି ମୌଳିକ ଉପାଦାନର ନାମ ଲେଖ ।

୧_______ ୨_______ ୩_______

(୧) ପରିବାର (୨) ସ୍କୁଲ

(୩) ସମୁଦାୟ (୪) ଭାବ ବିନିମୟ

୫. ପିଲାମାନେ _______ ବୟସରେ ଅଧିକାଂଶ ବ୍ୟକ୍ତିତ୍ୱ ଗୁଣାବଳୀକୁ ଆହରଣ କରିଥା'ନ୍ତି ।

(୧) ୧-୩ ବର୍ଷ (୨) ୩-୮ ବର୍ଷ

(୩) ୯-୧୪ ବର୍ଷ (୪)୧୫ - ୨୦ ବର୍ଷ

୬. ସାମାଜିକୀକରଣ ପ୍ରକ୍ରିୟା ମନୁଷ୍ୟର _______ ପରଚୟ ସ୍ଥାପିତ କରିବାର ସାହାଯ୍ୟ କରିଥାଏ ।

(୧) ସମୁହ (୨) ଆତ୍ମ (ସ୍ୱୟଂ)

(୩) ସମୁଦାୟ (୪) ସାମାଜିକ

## କ'ଣ ଶିଖିଲେ ।

- ସାମାଜିକୀକରଣ ଏକ ସାମାଜିକ ପ୍ରକ୍ରିୟା ।
- ଏହା ପିଲାଙ୍କୁ ଶାରିରୀକ ଓ ମାନସିକ ସ୍ତରରେ ବଢିବାରେ ସାହାଯ୍ୟ କରିଥାଏ । ବୟସ ବଢିବା ସହିତ ସେମାନଙ୍କର ମାନସିକ ଓ ଶାରିରୀକ ବିକାଶ ହୋଇଥାଏ ।
- ସାମାଜିକୀକରଣ ଏକ ପିଲାକୁ ତାର ଚାରି ପାଖରେ ଥିବା ଭୌତିକ ପଦାର୍ଥ / ବସ୍ତୁ ସବୁ କୁ ଜାଣିବାରେ ଓ ଆତ୍ମସ୍ଥ କରିବାରେ ସାହାଯ୍ୟ କରେ । ପୁନଶ୍ଚ ଏହି ପ୍ରକ୍ରିୟା ମାଧ୍ୟମରେ ପିଲାଟି ତା'ର ସମାଜରେ ପ୍ରଚଳିତ ପ୍ରତିମାନ, ମୂଲ୍ୟବୋଧ ଓ ଦଣ୍ଡାତ୍ମକ ଓ ପୁରସ୍କାରାତ୍ମକ ଅନୁମତିକୁ ମଧ୍ୟ ଜାଣି ଥାଏ ।
- ସାମାଜିକୀ କରଣ ଏକ ଜୀବନ ବ୍ୟାପୀ ପ୍ରକ୍ରିୟା ଅଟେ, ଯାହା ଏନ୍ତୁଡ଼ିଶାଳ ରୁ ଅନ୍ତ୍ୟେଷ୍ଟିକ୍ରିୟା ପର୍ଯ୍ୟନ୍ତ ନିରନ୍ତର ଚାଲୁଥାଏ । ଏପରିକି ଜନ୍ମ ହେବାର ପୂର୍ବବର୍ତ୍ତୀ ସମୟ ରେ ମଧ୍ୟ ଏହା ଚାଲିଥାଏ ।
- ଏହା ନୂତନ ପରିସ୍ଥିତି ସବୁକୁ ଦୃଷ୍ଟି ଗୋଚରକୁ ଆଣେ, ଯାହା ଦୃଷ୍ଟି ଆକର୍ଷଣ କରିଥାଏ । ଆଶାବାଦିତା ଓ ସ୍ୱାଗତ ମନୋଭାବକୁ ଦୈନନ୍ଦିନ ଜୀବନ କୁ ଆମନ୍ତ୍ରଣ କରିଥାଏ ।
- ସାମାଜିକୀକରଣର ବାହକ ମାନେ ହେଲେ ପିତାମାତା, ପରିବାର, ସ୍କୁଲ, ପଡ଼ୋଶୀ, ସାଂସ୍କୃତିକ କାରକ, ସାମାଜିକ ପ୍ରତିମାନ ଓ ମୂଲ୍ୟବୋଧ ଇତ୍ୟାଦି । ଏମାନେ ହେଉଛନ୍ତି କର୍ତ୍ତୃତ୍ୱ ମୂଳକ ଶକ୍ତି (Authoritative forces)
- ସମତା ମୂଳକ ଶକ୍ତି ମାନେ ହେଲେ ସାଙ୍ଗ ସାଥୀ, ଖେଳ ସାଥୀ, ଓ ସହଯୋଗୀ ମାନେ ।
- ସାମାଜିକୀକରଣ ର ମୁଖ୍ୟ ଉଦ୍ଦେଶ୍ୟ ହେଲା ପିଲାକୁ ଶିକ୍ଷା ଗ୍ରହଣ ପାଇଁ ପ୍ରସ୍ତୁତ କରିବା ଓ ସ୍ଥାପିତ ସାମାଜିକ ପ୍ରତିମାନ ତଥା ବ୍ୟବହାର ଅନୁରୂପ ଆଚରଣ ଦେଖାଇବାକୁ ବୁଝାଇବା ।
- ସାମାଜିକୀକରଣର ମୌଳିକ ଉପାଦାନ ମାନେ ହେଲେ- ଭାବ ବିନିମୟ, ଭୂମିକା ଚିହ୍ନଟ, ଭୂମିକା ନିର୍ବାହ ଓ ସଂସ୍କୃତି, ଯେଉଁଥିରେ ପିଲାର ଲାଳନ ପାଳନ ହୋଇଥାଏ ।



ଟୀପ୍ପଣୀ

- ଏହି ସବୁ ଉପରୋକ୍ତ ଉପାଦାନ ମାନେ ସମାଜର ସ୍ୱୀକୃତ ପ୍ରତିମାନ ଓ ମୂଲ୍ୟବୋଧ ଅନୁସାରେ ପିଲାଙ୍କର ବ୍ୟବହାର କୁ ନିୟନ୍ତ୍ରଣ କରିଥା'ନ୍ତି । ତେଣୁ, ସାମାଜିକିକରଣ ପ୍ରକ୍ରିୟା ଏକ ପିଲାର ଚରିତ୍ର ନିର୍ମାଣ ଓ ବ୍ୟକ୍ତିତ୍ୱ ବିକାଶରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ।
- ସାମାଜିକୀକରଣ କୌଣସି ଏକ ସମୁହର ପ୍ରତିମାନ ର ଅନୁପାଳନ ଉପରେ ଗୁରୁତ୍ୱ ଆରୋପ କରିଥାଏ ତେବେ, ବେଳେବେଳେ ଏଥିରେ ବ୍ୟତିକ୍ରମ ଘଟି ସାମାଜିକୀକରଣ ବିଫଳ ହୋଇଥାଏ ।
- ପିଲାମାନେ ସମାଜର ମୂଲ୍ୟବୋଧକୁ ଶିକ୍ଷା କରିଥା'ନ୍ତି ଓ କାର୍ଯ୍ୟକରିବା ତଥା ଚିନ୍ତାକରିବାର ଶୈଳୀ ଏକ ପିଢୀ ରୁ ଅନ୍ୟ ପିଢୀକୁ ହସ୍ତାନ୍ତରିତ ହୋଇଥାଏ ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧. ସାମାଜିକୀକରଣର ଧାରଣା ଓ ଅର୍ଥକୁ ବ୍ୟାଖ୍ୟା କର ।

୨. ଆତ୍ମୀକରଣ, ସଂସ୍କୃତିକରଣ ଓ ସାମାଜିକୀକରଣ ମାଧ୍ୟମରେ ଥିବା ସଂପର୍କ କୁ ଆଲୋଚନା କର ।

୩. ସାମାଜିକୀକରଣର ବିଭିନ୍ନ ବାହକମାନେ ସବୁ କିଏ ?

୪. ସାମାଜିକୀକରଣର ଉପାଦାନ ମାନଙ୍କୁ ଦୃଷ୍ଟାନ୍ତ ଦେଇ ବୁଝାଅ ।

୫. "ସାମାଜିକୀକରଣ ବ୍ୟକ୍ତିତ୍ୱ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ"- ଆଲୋଚନା କର ।

## ପରିଭାଷିକ ଶବ୍ଦାବଳୀ (Glossary)

**ହୃଦୟଙ୍ଗମ (ଆତ୍ମସ୍ଥ) କରିବା**

(Internalization) : ସୂଚନା ସବୁର ଅବଚେତନ ଆତ୍ମୀକରଣ, ବା ଶିଖିବା ମାଧ୍ୟମରେ ମନୋବୃତ୍ତି, ବ୍ୟବହାର ଇତ୍ୟାଦିକୁ ନିଜ ସ୍ୱଭାବର ଏକ ଅଙ୍ଗରେ ପରିଣତ କରିବା ।

ବାହକ (Agent) : ସାମାଜିକୀକରଣର ପ୍ରକ୍ରିୟା କୁ ସୁଗମ କରୁଥିବା ବ୍ୟକ୍ତି, ସମୁହ ବା ଅନୁଷ୍ଠାନ ।

ଭୂମିକା-ଚିହ୍ନଟ

(Role identification) : ଅନ୍ୟର ବ୍ୟବହାର ଅନୁଯାୟୀ ନିଜକୁ ବ୍ୟବସ୍ଥିତ କରିବା ବା ଅନ୍ୟ ର ଭୂମିକାରେ ନିଜ ପରିଚୟ ଖୋଜିବା ।

## ପାଠ୍ୟଗତ ପ୍ରଶ୍ନାବଳୀ ମାନଙ୍କର ଉତ୍ତର :

**୧୯.୧**

୧. (୪), ୨. (୨), ୩. (୪)

**୧୯.୨**

୧. ଠିକ୍, ୨. ଭୁଲ, ୩. ଠିକ୍, ୪. ଠିକ୍

**୧୯.୩**

୧. (୩), ୨. (୨), ୩. (୧), ୪. (୧), (୨), (୩) ୫. (୨), ୬. (୨)